ସକାଳ-୨୯.୬.୨୦୨୩

## ଜଙ୍ଗଲ ଅଧିକାର ଆଇନ ଉପରେ ତାଲିମ କାର୍ଯ୍ୟକ୍ରମ

# ତାଲିମ ନେଲେ ୨୫ ଜଣ ମୁଖ୍ୟ ପ୍ରଶିକ୍ଷକ



**ସୁନ୍ଦରଗଡ଼,୨୮।୬(ସମିସ):** ଜଙ୍ଗଲ ଅଧିକାର ଆଇନକୁ ଲୋକଙ୍କ ପାଖକୁ ପହଁଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ତିନି ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେବକର ଆଞ୍ଚଳିକ ସାଧନ କେନ୍ଦ୍ର ଠାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼, ଝାରସୁଗୁଡା ଓ ସମ୍ବଲପୁରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ, ଲୋକ ବିକାଶ ପରିଷଦ ଓ ମାସ ସମ୍ବଲପୁରର ୨୫ ଜଣ କର୍ମକର୍ତ୍ତାଙ୍କୁ ଗତ ୨୬ ତାରିଖରୁ ତିନିଦିନ ଧରି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟୀର ବିରଞ୍ଚି ନାରାୟଣ ପାଇକରାୟ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇ ଜଙ୍ଗଲ ଅଧିକାର ଆଇନର ବ୍ୟକ୍ତିଗତ, ଗୋଷ୍ଠୀଗତ ଓ ସମ୍ବଳ ଅଧିକାର ଫର୍ମ ପୂରଣ, ମାଷ୍ଟର ଟ୍ରେନରଙ୍କ ଦାୟିତ୍ୱ, ମ୍ୟାପିଙ୍ଗ, ଆବେଦନ ପ୍ରକ୍ରିୟା, କାର୍ଯ୍ୟକ୍ଷେତ୍ରରେ ଆସୁଥିବା ବିଭିନ୍ନ ସମସ୍ୟା ତଥା ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ବୁଝାଇବା ସହ ପ୍ରଶିକ୍ଷଣ ଦେଇଥିଲେ। ପ୍ରଥମ ଦିବସର କାର୍ଯ୍ୟକ୍ରମରେ ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେବକ କର୍ମୀ ବେଦବ୍ୟାସ ଧୂଆ ଓ ଲୋକ ବିକାଶ ପରିଷଦର କାହ୍ନୁ ଚରଣ ମହାନ୍ତି ସହକାରୀ ପ୍ରଶିକ୍ଷକ ଭାବରେ ଯୋଗଦାନ କରିଥିବା ବେଳେ ସେବକ କର୍ମୀ ବର୍ଷା ସାହୁ ଓ ଚନ୍ଦ୍ର ଶେଖର ପଟେଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।